


**ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୨୪**

# ‘ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା’



ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଆସିଛି ଆଶ୍ୱିନ । ପାର୍ବଣର ପରିବେଶ । ବିଲମାଳ, ନଈପଠାରେ କାଶତଣ୍ଡିର ଫେନିଳ ରାହାସ । ମା’ଆସୁଛନ୍ତି । ଦୁର୍ଗତି ନାଶିନୀ ମୋକ୍ଷପ୍ରଦାୟିନୀଙ୍କ ଆଗମନରେ ଧାରଣୀ ଚଳଚଂଚଳ । ଶିଳ୍ପୀ ହାତରେ ରଙ୍ଗର ପସରା । ପବନରେ ଭାସି ଆସୁଛି ମା’ଙ୍କର ଆଗମନର ଗୀତିକା । ମା’ ଓହ୍ଲାଇଛନ୍ତି ଧରାପୃଷ୍ଠକୁ । ଦୁଃଖ, ଶୋକ ହରଣ କରି ସବୁରି ଓଠରେ ଭରିଦେବେ ଶାନ୍ତି-ମୈତ୍ରୀର ବାର୍ତ୍ତା । ଦେବୀଙ୍କ ଆଶୀର୍ବାଦରେ ସବୁ ପ୍ରତିକୂଳ ହେବ ସାଧନମୁଖୀ । ଘନ ଅନ୍ଧକାରରେ ମା’ଦେବେ ନିରନ୍ତର ଆଲୋକର ସନ୍ଧାନ । ତାଙ୍କରି କୃପା ଦୃଷ୍ଟିରେ ସକଳ ବ୍ୟାଧି ଦୂରେଇଯିବ । ପୋଛି ହୋଇଯିବ ସବୁ ସନ୍ତାପ । ସବୁ ଅଭାବ ପାଲଟିଯିବ ପୂର୍ଣ୍ଣତାରେ । ମା’ସୃଷ୍ଟି ସ୍ଥିତି ବିନାଶର ଆଧାର । ତାଙ୍କରି ଇଛାରେ ଆତଯାତ ଏ ସଂସାର । ଆଜିଠାରୁ ଆରମ୍ଭ ହେଉଛି ମା’ଦୁର୍ଗତିନାଶିନୀଙ୍କ ପବିତ୍ର ନବରାତ୍ରି ଉତ୍ସବ । ଏହି ନବରାତ୍ରିରେ କିଏ ଉପବାସ ରଖିଛି, ପୁଣି କିଏ ମାନସିକରେ ମା’ଦୁଆରରେ ଦୀପ ଜାଳୁଛି । ମା’ଙ୍କର ଏହି ନବଦିନାତ୍ମକ ଯାତ୍ରାରେ ଦେଶ ବିଦେଶର ସମସ୍ତ ଶକ୍ତିପୀଠ ଉତ୍ସବମୁଖର । ଏହି ନଅ ଦିନ ମା’ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରିବେ । ‘ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ । ତୃତୀୟଂ ଚନ୍ଦ୍ରଘଂଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍ । ପଂଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ । ସପ୍ତମଂ କାଳରାତ୍ରୀତି, ମହାଗୌରୀ ଚାଷ୍ଟମମ୍ । ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ, ଅକ୍ତାନ୍ୟେତାନି ନାମାନି, ବ୍ରାହ୍ମଣୈବ ମହାତ୍ମନା ।’ ‘ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ’ ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ନବଦୁର୍ଗା ହେଉଛନ୍ତି ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ - ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘ[ା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ମାତା ଶୈଳପୁତ୍ରୀ । ‘ଶୈଳ’ ଅର୍ଥ ପାହାଡ଼ ଓ ‘ପୁତ୍ରୀ’ ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଦକ୍ଷକନ୍ୟା ସତୀ ପ୍ରଥମ ପୁନର୍ଜନ୍ମ ନେଇଥିଲେ ଶୈଳପୁତ୍ରୀ ଭାବେ । ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା’ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା ଉମା, ଅପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ଚରମ ସତାର ସାନ୍ନିଧ୍ୟ ପାଇବା ଲାଗି ସେ ସଦା ତପସ୍ୟାରତ । ତୃତୀୟ ଦିନରେ ଆରାଧନା କରାଯାଏ ମା’ଚନ୍ଦ୍ରଘଂଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରିଥିବାରୁ ସେ ହେଲେ ଚନ୍ଦ୍ରଘଂଟା । ଚତୁର୍ଥ ଦିନରେ ଆବାହନ କରାଯାଏ ମା’କୁଷ୍ମାଣ୍ଡାଙ୍କୁ । ସେ ଅଷ୍ଟଭୁଜା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ରୀ । ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା । ପଂଚମ ଦିନରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସ୍କନ୍ଦଙ୍କ ମାତା । ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳ କ୍ଷମାମୟୀ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମା’କାତ୍ୟାୟାନୀ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଂଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । ‘ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।’

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୯୪୩୭୨୪୨୩୧୭

# ପରଦାରେ ମା’ଆ



ନାଟ୍ୟସାରଥି ଅଭୟ କୁମାର ଦାସ

ନାରୀ ସୃଷ୍ଟି ସର୍ଜନା କରିପାରେ, ନାରୀ ବିନାଶ ବି କରିପାରେ । ସେଥିପାଇଁ କୁହାଯାଏ ସର୍ଜନା ପାଇଁ ସମର୍ପିତ....... । ତେଲଲୁଣର ସଂସାର ଭିତରେ ସବୁ ସହି ସମସ୍ତଙ୍କ ପ୍ରତି ନିଜ ଦାୟିତ୍ୱ ନିର୍ବାହ କରୁଥିବା ସେହି ମା’ଆଟି ନିଜ ଦାୟିତ୍ୱବୋଧ ଓ ଦୁଷ୍ଟ ଶକ୍ତିଙ୍କ ପାଇଁ ବିନାଶକାରୀ ଭାବରେ ସେ ତା’ର ଭୂମିକାକୁ ନିର୍ବାହ ପାଇଁ ଭୁଲିନଥାଏ । ନାରୀ କୈନ୍ଦ୍ରିକ ସିନେମା ଭିତରେ ମା’ଆଙ୍କ ଭୂମିକାକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ । ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିବା ଝିଅଟିର ନାଁ ଥିଲା ସତୀ । ଜନୈକ ବ୍ରାହ୍ମଣ ନନାଙ୍କୁ ଭଲ ପାଇଥିଲେ ବି ବାପାଙ୍କ ପ୍ରସ୍ତାବରେ ଦୋବେଇ ବରକୁ ବିବାହ କରନ୍ତି । ପୁରାଣର କାହାଣୀ ଅନୁଯାୟୀ ସତୀ ଅନୁସୟା ପତି ଭକ୍ତିର ପରୀକ୍ଷା ଦେଇଥିଲେ । ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହା ଅତ୍ୟନ୍ତ ଲୋକପ୍ରିୟର ମାନ୍ୟତା ପାଇଥିଲା । ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନା ଓ ବାସୁଦେବ ରଥଙ୍କ ସଙ୍ଗୀତ ସଂଯୋଜନାରେ ମା’ଦୁର୍ଗାଙ୍କ ପୃଥିବୀ ପୃଷ୍ଠରେ ଶାନ୍ତି ପ୍ରତିଷ୍ଠାର କାହାଣୀକୁ ନେଇ ଲୋକପ୍ରିୟ ଚଳଚ୍ଚିତ୍ରଟି ଥିଲା ‘ଜୟମା’ ମଙ୍ଗଳା’ । କେବଳ ସେତିକି ନୁହେଁ ପାପୀ ମାନଙ୍କର ବିନାଶ ପାଇଁ ସଂହାର ରୂପରେ ଭିନ୍ନ ଭୂମିକାରେ ଦାୟିତ୍ୱ ନିର୍ବାହ କରି ସନ୍ତାନର ମା’ଆ ପ୍ରତି କର୍ତ୍ତବ୍ୟର କାହାଣୀକୁ ନେଇ ରୂପାୟିତ ହୋଇଥିବା ଚଳଚ୍ଚିତ୍ରଟି ଥିଲା ‘ମମତାର ଡୋରି’ । ଦୁର୍ଗା ରୂପରେ ତନ୍ଦ୍ରାରାୟଙ୍କ ଭୂମିକା ଏଯାବତ୍ ଦର୍ଶକଙ୍କ ସ୍ମୃତିରେ ରହିଛି । ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ ଦୁର୍ଗା ରୂପରେ ରୂପାୟିତ ହୋଇ ପରିବାରକୁ ରକ୍ଷା କରିବା ପାଇଁ ନିଜର ମହନୀୟତାକୁ ପ୍ରତିପାଦିତ କରିପାରିଥିଲେ । ଏହି ଚଳଚ୍ଚିତ୍ରଟି ବେଶ୍ ଲୋକପ୍ରିୟତା ହାସଲ କରିପାରିଥିଲା । ସେହିପରି ‘ନାଗପ□ମୀ’ ଚଳଚ୍ଚିତ୍ରରେ ମା’ନାଗ ଦେବୀଙ୍କ ଭୂମିକାରେ ଭଉଣୀଟି ମୃତ୍ୟୁବରଣ କରିଥିଲେ ବି ଭଉଣୀର ଝିଅଟି ବଂ ପରବର୍ତ୍ତୀ ସମୟରେ ମା’ଆଙ୍କ ଆଶୀର୍ବାଦ ପ୍ରାପ୍ତ କରି ଅନ୍ୟାୟ ବିରୋଧରେ ଲଢ଼ି ବିଜୟୀ ହୋଇଛି । ଟୁଲୁବୁଲି ଗାଁ ଝିଅ ସୀତା ସଂସାରର ଡଙ୍ଗା ବାହିଲା ଭିତରେ ଖଳନାୟକର ଷଡ଼ଯନ୍ତ୍ରରେ ସ୍ୱାମୀକୁ ହରାଇଥାଏ । ଅପରାଜିତାଙ୍କ ଲିଡ୍ ରୋଲ୍‌ରେ ତିଆରି ହୋଇଥିବା ଏହି ‘ଉଦଣ୍ଡୀ ସୀତା’ ଚଳଚ୍ଚିତ୍ରଟି ବେଶ୍ ପ୍ରଶଂସା ପାଇପାରିଥିଲା । ଏକଦା ପ୍ରବଳ ଭିଡ଼ ହେଉଥିବା କେନ୍ଦ୍ରାପଡ଼ା ସନ୍ନିକଟ ‘ମା ଗୋଜବାୟାଣୀ’ଙ୍କ ଅପୂର୍ବ ଲୀଳାକୁ ନେଇ ଭକ୍ତି ଭାବନାରେ ତିଆରି ହୋଇଥିବା ଚଳଚ୍ଚିତ୍ରଟି ଥିଲା ‘ମା ଗୋଜବାୟାଣୀ’ । ଏହାବ୍ୟତୀତ ନାରୀ ଭୂମିକାକୁ ପ୍ରାଧାନ୍ୟ ଦିଆଯାଇ ଜଗଜ୍ଜନନୀ ମା’ଦୁର୍ଗାଙ୍କ ସ୍ୱରୂପର ଭିନ୍ନ କାହାଣୀକୁ ନେଇ ଦେଖିବାକୁ ମିଳିଥିବା ଚଳଚ୍ଚିତ୍ର ଗୁଡ଼ିକ ଥିଲା ‘ବଧୂ ନିରୁପମା’, ‘ମାତୃଶକ୍ତି’, ‘ଲାଲପାନ ବିବି’, ‘ଶାସ୍ତି’ ଓ ‘ଦେ ମା ଶକ୍ତି ଦେ’ ପ୍ରମୁଖ । ପରଦାରେ ନାରୀ ଶକ୍ତି ସର୍ବୋପରି ନାରୀର ଅଧିକାର ସମ୍ପର୍କିତ କାହାଣୀ ଜନମାନସରେ ଦର୍ଶକଙ୍କ ଚିନ୍ତା ଚେତନାକୁ ପ୍ରଭାବିତ କରିବାରେ ସମର୍ଥ ହୋଇଛି ।

*ଗୋଟରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ଦୁର୍ଗେ ଦୁର୍ଗତି ନାଶିନୀ



ସତ୍ୟ ମହାପାତ୍ର

ମାନବ ନିଜର ଶାନ୍ତି ପାଇଁ ତଥା ସତ୍ ଉପାୟରେ ଟିକିଏ ଆନନ୍ଦ ପାଇଁ ତିଥି-ବାରକୁ ନେଇ ପାଳନ କରେ ଅନେକ ପର୍ବପର୍ବାଣି । ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ପାଳିତ ହୁଏ ନିର୍ଦ୍ଦିଷ୍ଟପର୍ବ । ସେହିପରି ଦୁର୍ଗାପୂଜାର ତିଥି । କେଉଁ ପ୍ରାଚୀନକାଳରୁ ଅନୁଷ୍ଠିତ ହୋଇଆସୁଛି ଦୁର୍ଗାପୂଜା । ଦୁର୍ଗାପୂଜା କେତେକ ସ୍ଥାନରେ ୧୬ଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପା□ଦିନ ବ୍ୟାପୀ ପାଳିତହୁଏ । ଏହି ପା□ଦିନିଆପୂଜାରେ ବହୁ ବିଧି ଓ ନୀତିନିୟମ ଥିଲେ ହେଁ ସବୁରି ଭିତରେ ରହିଛି ଗୋଟିଏ ତାତ୍ତ୍ୱିକ ଓ ଗୂଢ଼ ରହସ୍ୟ । ସେ ସବୁକୁ ଗୋଟିଗୋଟିକରି ଆଲୋଚନା କରାଗଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା । ପ୍ରକୃତିରପୂଜା । ଦୁର୍ଗାଙ୍କ ନିକଟରେ ଥିବା ପାର୍ଶ୍ୱ ଦେବଦେବୀବୃନ୍ଦ ଆଉ କେହି ନୁହନ୍ତି; ସମସ୍ତେ ପ୍ରକୃତିର ଗୋଟିଏ ଗୋଟିଏ ଅଂଶ ।

ପ୍ରଥମେ ଷଷ୍ଠୀର ତିଥିର ବୋଧନକୁ ଲକ୍ଷ୍ୟକରାଯାଉ । ପନ୍ଦରଟି ତିଥିକୁ ପାଂଚ ପାଂଚ କରି ୩ଭାଗ କରାଯାଏ । ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା । ଚେତନାରେ ତିନୋଟି ଭୂମିରେ ଏହି ମାନେ ହେଲେ ତିନୋଟି ପଂକ । ପ୍ରଥମ ଭୂମିରେ ଆମ୍ଭମାନଙ୍କର ଆତ୍ମ ଚୈତନ୍ୟଥାଏ । ଏହା ଜାଗ୍ରତ ଅବସ୍ଥାରେ ନଥାଏ କିନ୍ତୁ ଶକ୍ତି ଜାଗିଥାଆନ୍ତି ଏବଂ ତିଥି ବାର କର୍ମ ଠିକ୍ ଭାବରେ ଚାଲିଥାଏ । ଏ ସମସ୍ତ କାର୍ଯ୍ୟ ଆମ ଅଗୋଚରରେ ହୋଇଥାଏ । ଯେପରି ଏହା ଶୈଶବ ଅବସ୍ଥା । ଦ୍ୱିତୀୟ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ । ସାଧନା ସେହିଠାରୁ ଆରମ୍ଭ ହୁଏ । ଯେତେବେଳେ ବୋଧନ ହେବା ଉଚିତ୍ । ଷଷ୍ଠୀ ତିଥି ନନ୍ଦା । ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା । ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ । ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ । ସେ ତରୁଣୀ । ରିକ୍ତାରେ ସେ ଯୋଗିନୀ । ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ । ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ତାଙ୍କର ଆରାଧନା ଏହିଭାବ ଧରି କରାଯାଏ । ବିଲ୍ୱମୂଳରେ ବୋଧନ କାହିଁକି କରାଯାଏ !

ଶାସ୍ତ୍ରରେ କେତେଗୁଡ଼ିଏ ଦିବ୍ୟ ବୃକ୍ଷର ପ୍ରମାଣ ରହିଛି । ପୁରୁଷଙ୍କ ନିମିତ ସେହି ବୃକ୍ଷକୁ ବ୍ରହ୍ମବୃକ୍ଷ ଓ ପ୍ରକୃତି ବା ଶକ୍ତି ନିମିତ ସେହି ବୃକ୍ଷକୁ କୁଳବୃକ୍ଷ ବୋଲି କୁହାଯାଏ । କିନ୍ତୁ ବିଲ୍ୱକୁ ଉଭୟ ବ୍ରହ୍ମବୃକ୍ଷ ଓ କୁଳବୃକ୍ଷ ବୋଲି କୁହାଯାଏ । ବାସ୍ତବରେ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତିର ପୂଜାର୍ଚ୍ଚନା ଯେମିତି ଭାବଗର୍ଭକ ସେହିପରି ମନ୍ତ୍ର ମୂର୍ତ୍ତିର ଜ୍ଞାନ ମଧ୍ୟ ଜରୁରୀ । ଦେବୀଙ୍କର ଯେଉଁ ମନ୍ତ୍ରମୂର୍ତ୍ତି ତାହା ଉର୍ଦ୍ଧ୍ୱ ତ୍ରିକୋଣ ଓ ଅଧଃ ତ୍ରିକୋଣ ଦୁଇଟିର ସମନ୍ୱୟରେ ଗଠିତ ହୁଏ । ମୁଖମଣ୍ଡଳରୁ ତୃତୀୟନୟନକୁ ମୋଟ ଉର୍ଦ୍ଧ୍ୱବିନ୍ଦୁ ଓ ଦୁଇଟି ସ୍ତନକୁ ଦୁଇଟି ସମତଳ ଅଧୋବିନ୍ଦୁକୁ କଳ୍ପନା କରି ଯେଉଁ ତ୍ରିକୋଣହୁଏ ତାହା ଉର୍ଦ୍ଧ୍ୱତ୍ରିକୋଣ । ଏହା ଅଗ୍ନିରୂପ । ଯୋନି ଅଧଃତ୍ରିକୋଣ । ଏହା ତାଙ୍କର ସୋମ(ଚନ୍ଦ୍ର) ରୂପ । ବିଲ୍ୱବୃକ୍ଷର ପତ୍ର ତ୍ରିଶାଖା । ଦୂର୍ବା ତ୍ରିଶୂଳ ଭଳି । ଏହା ହେଲା ଯୋନିର ପ୍ରତୀକ । ବିଲ୍ୱଫଳ ସ୍ତନର ପ୍ରତୀକ । ମୁଖକୁ ବୃକ୍ଷର ଅଗ୍ରଭାଗରୂପେ କଳ୍ପନାକରାଯାଏ । ତେଣୁ ବିଲ୍ୱବୃକ୍ଷରେ ଉର୍ଦ୍ଧ୍ୱ ଏବଂ ଅଧଃ ଦୁଇଟି ତ୍ରିକୋଣର ସମାହାର ଦେଖାଯାଇଥାଏ । ଏହି ବୃକ୍ଷ କ□କବୃକ୍ଷ ବୋଲି ସ୍ପର୍ଶ କରିବା କଷ୍ଟ । ଦେବୀ ଆଗମ୍ୟାକୁମାରୀ । ଏହା ତାଙ୍କର ବ୍ରହ୍ମଭାବ । ଏହି ବୃକ୍ଷରେ ଅଗ୍ନି ଓ ସୋମର ବ୍ରହ୍ମ ଏବଂ ଶକ୍ତିର ସମନ୍ୱୟ ହୋଇଛି ବୋଲି ଏହି ବୃକ୍ଷକୁ ସ୍ୱଦେହ ଭାବନା କରି ତା’ର ମୂଳରେ ଅର୍ଥାତ୍ ମୂଳାଧାରରେ ଦେବୀଙ୍କର ବୋଧନ କରାଯାଏ । ଏହା ହେଲା ବୋଧନର ରହସ୍ୟ ।

ଦୁର୍ଗା ପୌରାଣିକ ଦେବୀ । ପୁରାଣ ବେଦରୁ ଭିନ୍ନ ନୁହେଁ । ଏହି ଦେବୀ ବେଦରେ ଅଦିତି ତନ୍ତ୍ରରେ ସେ ମହାଶକ୍ତି ବା ମହାମାୟା । ପ୍ରଥମ ଚରିତ୍ରରେ ବିଷ୍ଣୁମାୟା ବିଷ୍ଣୁ ଆଦିତ୍ୟ ବିଷ୍ଣୁ ଦେବଃ ଦେବ ବିଷ୍ଣୁମାୟା । ଏହାଙ୍କୁ ଭଗ ନାମରେ ପରିଚିତ କରାଯାଏ । ଭଗରୁ ଭଗବାନ ଶବ୍ଦ ଆସିଛି । ତହିଁରୁ ଭାଗବତ୍ ସମ୍ପ୍ରଦାୟ । ଅସୁର ଅବିଦ୍ୟା । ଅବିଦ୍ୟାର ନାଶ ଦେବକୃତ୍ୟ । ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କର ପୂଜାକରୁ । ଏହା ଅତି ପ୍ରାଚୀନ । ‘ଭଗ’ ନାମରେ ଯେଉଁ ଆଦିତ୍ୟ ତାଙ୍କର ଦୁଇଟି ପତ୍ନୀଙ୍କ କଥା ବେଦରେ ଅଛି । ଶ୍ରୀ ଏବଂ ଲକ୍ଷ୍ମୀ । ଶ୍ରୀ ସରସ୍ୱତୀ ବା ପ୍ରଜ୍ଞା । ଏହି ପ୍ରଜ୍ଞା ଏବଂ ଲକ୍ଷ୍ମୀ ମଧ୍ୟ ଦେବୀଙ୍କର ବଭୂତି ରୂପରେ ତାଙ୍କ ନିକଟରେ ସ୍ଥାନ ପାଇଛି । କୁମାର ଅଗ୍ନିର ଗୋଟିଏ ବିଶେଷଣ । କୁମାର ହେଉଛି କାର୍ତ୍ତିକଙ୍କର ଅନ୍ୟନାମ । କୃତିକା ନକ୍ଷତ୍ର, ଅଗ୍ନି ନକ୍ଷତ୍ର, ଦେଖିବାକୁ ଅଗ୍ନିପୁଞ୍ଜ ସଦୃଶ । ସମ୍ବତ୍ସରର ଆଦି ବେଳ ଗଣା ହୁଏ ବୋଲି ଦେବାଦି ଅଗ୍ନି ତା’ର ଅଧିଷ୍ଠାତା । ଅଗ୍ନିର ଶକ୍ତି ବାକ୍ ତେଣୁ ବାଚସ୍ପତି ଅଗ୍ନିର ଅନ୍ୟଏକ ନାମଅଟେ । ବୃହସ୍ପତି ହିଁ ଋକ୍ ସଂହିତାରେ ଗଣପତି ବୋଲି ପରିଚିତ । ସେ ହିଁ ପୁରାଣରେ ଗଣେଶ । ଦେବୀ ଯଦି ଅଦିତି ହୋଇଥାଆନ୍ତି ଆଦିତ୍ୟମଣ୍ଡଳ ତାଙ୍କର ପ୍ରତ୍ୟକ୍ଷ ଦୃଷ୍ଟ ପ୍ରତିରୂପ ହୋଇଥାଏ । ବୃତ୍ର ବା ଅନ୍ଧକାର ନାଶ ଯଦି ତାଙ୍କର ପ୍ରଧାନ କର୍ତ୍ତବ୍ୟ ହୋଇଥାଏ, ତାହାହେଲେ ତାଙ୍କର ଦଶଭୁଜା ହେବାର ତାତ୍ପର୍ଯ୍ୟ ବୁଝିହୁଏ । ଆଦିତ୍ୟଙ୍କର କିରଣକୁ କର କୁହାଯାଏ । ଗୋଟିଏ ବିମ୍ବରୁ କର ଗୁଡ଼ିକ ଚାରିଦିଗକୁ ଖେଳିଯାଉଛି । ହିନ୍ଦୁମାନଙ୍କର ଦେବତାଙ୍କର ବହୁକର । କିନ୍ତୁ ବହୁ ଚରଣ ନୁହେଁ । ଦେବତା ଯଦି ପୁଞ୍ଜଜ୍ୟୋତି ତାହାହେଲେ ତାଙ୍କର କିରଣଗୁଡ଼ିକ କର ବା ହସ୍ତ । ପୁନଶ୍ଚ ଦଶଭୁଜା ଦୁର୍ଗା ଆଦିତ୍ୟ ବିମ୍ବଙ୍କର ଶିଳ୍ପ ସମ୍ଭୂତ ରୂପ । ଅଗ୍ନି ଶକ୍ତିର ଦୁଇଟି ରୂପ । ଗୋଟିଏ କର୍ମ ଓ ଅନ୍ୟଟି ପ୍ରଜ୍ଞା । କର୍ମଦ୍ୱାରା ଅସୁର ବଧ ହେଲାବେଳେ ପ୍ରଜ୍ଞାଦ୍ୱାରା କାର୍ତ୍ତିକ ଓ ଗଣପତିଙ୍କ ପରିଚୟ ମିଳେ । ଆଦିତ୍ୟଙ୍କର ପ୍ରଜ୍ଞା ଓ ଆନନ୍ଦ ଶକ୍ତି ସରସ୍ୱତୀ ଏବଂ ଲକ୍ଷ୍ମୀଙ୍କ ମଧ୍ୟରେ ଦେବୀ ଅଦିତି ବା ମହାଶକ୍ତି ଦେବୀଙ୍କର ରୂପ ହିରଣ୍ମୟୀ ଓ କାଳୀ । ବେଦରେ ଅଦିତି ପୃଥିବୀ ସେ ହିରଣ୍ୟବକ୍ଷାଃ । ତାଙ୍କର ଦୁଇଟି ମିଥୁନରୂପ । ଶିବ ଶକ୍ତି ଓ କୃଷ୍ଣ ରାଧା । ସଗୁଣ ଓ ନିର୍ଗୁଣଭାବ ରହିଛି । ନିର୍ଗୁଣ ଦଶା ଶିବ ଓ ସଗୁଣ ଦଶା ହେଉଛି ଗୌରୀ । ପ୍ରେମର ନିର୍ଗୁଣ ଦଶା ରାଧା । ସଗୁଣ ଦଶା କୃଷ୍ଣ ଅଟନ୍ତି । ଗୌରୀ ଦୁର୍ଗା ହୋଇ ଅସୁର ବଧ କରୁଛନ୍ତି ଶିବ ସାକ୍ଷୀ ରୂପ ହୋଇ ଦେଖୁଛନ୍ତି । ସେହିପରି ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ଦୁଷ୍କୃତ ବିନାଶନ କାଳରୂପରେ ଆବିର୍ଭାବ ହୋଇଥାଆନ୍ତି । ନେପଥ୍ୟେ ରାଧା ବୃନ୍ଦାବନରେ ସମାହିତା ଏଣୁ ଦୁର୍ଗା ଓ କୃଷ୍ଣ ଗୋଟିଏ ତତ୍ତ୍ୱ ।

କେଉଁ ଅନାଦିକାଳରୁ ଶକ୍ତିପୂଜା ଉତରଣର ଅଭିଯାତ୍ରା ଆଜି ବି ଅବ୍ୟାହତ । ଶକ୍ତି ଜାଗ୍ରତ ହେଲେ ସାଧାରଣ ମନୁଷ୍ୟ ଠାରୁ ଆରମ୍ଭ କରି ଯେ କୌଣସି ପ୍ରାଣୀ ଅସାଧାରଣ କାର୍ଯ୍ୟ କରିପାରେ । ସେଥିପାଇଁ ଶକ୍ତି ଆରାଧନାକୁ ଆହ୍ୱାନ କରାଯାଉଛି ଯୁଗେ ଯୁଗେ । ଭାରତୀୟ ଧର୍ମଜଗତରେ ଶାକ୍ତ ପରମ୍ପରା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ମହାଶକ୍ତିଙ୍କ ତତ୍ତ୍ୱ ଓ ମହାତ୍ମ୍ୟ ବର୍ଣ୍ଣନାରେ ବେଦ, ଉପନିଷଦ, ରାମାୟଣ, ମହାଭାରତ, ପୁରାଣ ଆଦି ଭାରତୀୟ ଧର୍ମଶାସ୍ତ୍ର ମାନଙ୍କରେ ପୃଷ୍ଠା ସୁଶୋଭିତ । ଦେବୀ ଦୁର୍ଗତିନାଶିନୀ । ମହାବିଘ୍ନ ବିନାଶିନୀ । ଭବବନ୍ଧନ, ଦୁଃଖଶୋକ ଓ ନରକ ଯନ୍ତ୍ରଣାରୁ ପ୍ରାଣୀମାନଙ୍କୁ ତାରଣ କରନ୍ତି ବୋଲି ସେ ଦୁର୍ଗା । ତାଙ୍କୁ ସ୍ମରଣ କଲାମାତ୍ରେ ସକଳ ଭୟ ଦୂର ହୁଏ । ଦୁଃଖର ଯଥାର୍ଥତାକୁ ଉପଲବ୍ଧି କରି ଦୁଃଖୀରଙ୍କି ମାନଙ୍କ କ୍ଳେଶ ଅବିଳେମ୍ବ ଦୂର କରୁଥିବାରୁ କେବଳ ଦୁର୍ଗାଙ୍କୁ ହିଁ ଦୁର୍ଗତିନାଶିନୀ ବୋଲି ଅଭିହିତ କରାଯାଇଛି । ଶକ୍ତି ଆରାଧନା ସମୟକ୍ରମେ ଘଟରୁ ମୂର୍ତ୍ତିଜାରେ ରୂପାନ୍ତରିତ ହୋଇଛି । ଦୁର୍ଗାପୂଜା ଏକ ମହାନ ଓ ପବିତ୍ର ବ୍ରତ । ଏହି ଅବସରରେ ଆଦ୍ୟାଶକ୍ତି ମା’ଙ୍କ ଆରାଧନା ଦ୍ୱାରା ଶାରୀରିକ, ମାନସିକ ଓ ଆଧାତ୍ମିକ ଶକ୍ତି ପ୍ରାପ୍ତ ହୁଏ । ସର୍ବ ସିଦ୍ଧି ଲାଭ ହୁଏ ଏବଂ ଶତ୍ରୁମାନେ ପରାଜିତ ହୁଅନ୍ତି । ମନୁଷ୍ୟ ଦୁଃଖ, ଦୁର୍ଗତିରୁ ନିସ୍ତାର ପାଇ ସୁଖ ଓ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । ସମସ୍ତେ ନିଜ ଭିତରେ ଥିବା ଦୁଷ୍ଟ ଓ ଆସୁରିକ ପ୍ରବତିକୁ ପରିତ୍ୟାଗ କରି ସତ୍ୟ ଓ ଆଲୋକ ପଥର ଅଭିଯାତ୍ରୀ ହେବା ପାଇଁ କାମନା କରିଥାନ୍ତି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ,*
*ଦୂରଭାଷ : ୯୬୫୮୧୦୫୫୩୨*

# ଭୂପତି ମାନଙ୍କର କ୍ଳେଶ ବେଳା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଭୂପତି, ଅର୍ଥ ଜମିଦାର, ପ୍ରଶାସନ ରାଜକର୍ମରେ ରତ କଥା ଏକ ନିର୍ଦ୍ଦିଷ୍ଟ ବୃତିରେ ଯେଉଁମାନେ ବହୁଦିନ ଧରି କାର୍ଯ୍ୟରତ । ଏଥିରେ ବଡ଼ ବଡ଼ ଶିଳ୍ପପତି, ବଣିକ, ଡିଲର, ଫ୍ରାଂଇଜ ନେବା ବ୍ୟକ୍ତି, ସୋଲ, ସେଲିଂ ଏଜେ[ ଏସମୟରେ ହୋଲଡିଂ ଟ୍ୟାକସ, ଖଜଣା, ଜଳକର, ବିଦ୍ୟୁତ ବିଲ, ଗ୍ୟାସ ବ୍ୟବହାରକାରୀ, ବଡ଼ ବଡ଼ ବସ ସେବାରେ ରତ ଲୋକ ସୌଦାଗରୀ ଯାହାଜ ବ୍ୟୋମଜାନ ଚାଳକ, ଖଣି ମାଲିକ, ଏମ.ପି., ଏମଏଲଏ ମନ୍ତ୍ରୀପଦରେ ଅଧିଷ୍ଠିତ ନିର୍ଦ୍ଦିଷ୍ଟ ସେବାରେ ବଂଶାନୁକ୍ରମିକ ମୁତୟନ, ଦେବ ମନ୍ଦିର ସେବକ, ଏଇମାନେ ଭୂପତିରେ ଗଣା ହୋଇଥାନ୍ତି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏମାନେ ମାଲିକ । ଗ୍ରହ ସଂକ୍ରମଣ କାଳରେ ଗ୍ରହଟି ନିର୍ଦ୍ଦିଷ୍ଟ ସାତ ପ୍ରକାର ନକ୍ଷତ୍ରରେ ଗତିକରି ପାରନ୍ତି । ଏମାନଙ୍କୁ ଉଗ୍ରାଦି ଗଣରେ ଧରାଯାଏ । ଉଗ୍ର, ଲଘୁ, ଚର, ମୃଦୁ, ସ୍ଥିର, ମିଶ୍ର, ତୀକ୍ଷ୍ଣଣ ଦାରୁଣ ଗଣ ନକ୍ଷତ୍ର । ପାପଗ୍ରହମାନେ ଏଥିରେ ସଂାର କରୁଥିଲେ କଷ୍ଟସୃଷ୍ଟି କରିବା ବିଶେଷ ଭାବରେ ହୋଇପାରେ । ସମସ୍ତ ପାପଗ୍ରହରେ ଶନି, ମଙ୍ଗଳ, ରବି, ରାହୁ ଓ କେତୁ ତାଙ୍କୁ ପାପଗ୍ରହ ଧରାଯାଏ । ମନ୍ଥର ଗତି ଗ୍ରହ ମଧ୍ୟରେ ଶନି, ରାହୁ, କେତୁ ଓ ମଙ୍ଗଳ ଆସନ୍ତି । ରବି ପ୍ରତିମାସରେ ରାଶି ବଦଳାନ୍ତି ୧୩/୧୪ ଦିନରେ ନକ୍ଷତ୍ରଫଳ ଦିଅନ୍ତି । ଚରଗଣ - ୭/୧୫/୨୨/୨୩/୨୪, ମୃଦୁଗଣ - ୫/୧୪/୧୭/୨୭, ସ୍ଥିରଗଣ - ୪/୧୨/୨୧/୨୬, ଲଘୁଗଣ - ୧/୮/୧୩/ଅଭିଜିତ, ମିଶ୍ରଗଣ - ୩/୧୬, ଉଗ୍ରଗଣ - ୨/୧୦/୧୧/୨୦/୨୫, ତୀକ୍ଷ୍ଣ ବା ଦାରୁଣରେ - ୬/୯/୧୮/୧୯ ଏପରି ନକ୍ଷତ୍ର ଆସେ ।

ରାଶିଚକ୍ର ମୋଟ ୩୬୦ ଡିଗ୍ରୀରେ ୧୨ ରାଶି, ୧ରାଶି ୩୦ ଅଂଶ ୧ ନକ୍ଷତ୍ର ୧୩ ଅଂଶ ୨୦ କଳା । ଏ ସମୟରେ ଶନି ମୀନ ରାଶିର ସ୍ଥିରଗଣ ୨୬ ନକ୍ଷତ୍ରରେ ଗତି ଆରମ୍ଭ କରିଛନ୍ତି । ଏହାପୂର୍ବରୁ ରାହୁ କିଛି ଆଗରୁ ଗତି କରୁଥିଲେ । ଏବେ ୨୫ ନକ୍ଷତ୍ରରେ ରାହୁ ଅଛନ୍ତି ଯାହା ଉଗ୍ରଗଣ ନକ୍ଷତ୍ରରେ ଅନ୍ତର୍ଭୁକ୍ତ । ନାମ ସ୍ଥିରଗଣ, ଏଣେ ମନ୍ଦଗ୍ରହକୁ ମନ୍ଦଗାମୀ ଶନି ଧିରେ ଧିରେ ଆଗକୁ ବଢ଼ି ଚାଲିବେ । ଏ ୨୬ ନକ୍ଷତ୍ରରେ ରହିଲେ ହାରାହାରି ଏକ ବର୍ଷରୁ ଅଧିକ ଏକ ମାସ ଯାଏ । ଏଥିରେ ବର୍ଣ୍ଣିତ ଭୂପତି ମାନଙ୍କର ପୀଡ଼ା ହୁଏ ।

ମହାଦେଶ, ଦେଶ, ରାଜ୍ୟ, ଜିଲ୍ଲା, ତହସିଲ, ମଣ୍ଡଳ, ଥାନା, ପଂାୟତ ଏସବୁର ଅଧିକାରୀ ଭୂପତିରେ ଆସନ୍ତି । ଏସବୁଠାରେ ଆତଙ୍କ ଦାନା ମେଲିବାର ସମୟ । ଏଣେ ୧୨ ନକ୍ଷତ୍ର ମଧ୍ୟରେ ସ୍ଥିର ନକ୍ଷତ୍ରରେ ଆସେ । ଏଥିରେ କେତୁ ଗତି କରୁଛନ୍ତି । ସିଂହରାଶିରେ ୧୦/୧୧/୧୨ ନକ୍ଷତ୍ରର ଅଂଶ ରହିଛି । ୧୦/୧୧ ଉଗ୍ର ଗଣନକ୍ଷତ୍ର ଏଥିରେ ପାପଗ୍ରହର ଗତି ଶୁକ୍ରଙ୍କୁ ପୀଡ଼ା ହୁଏ । ଶୁକ୍ର କିଏ ? ସେବାକାରୀଙ୍କୁ ଚିହ୍ନଟ ପ୍ରକ୍ରିୟାର ଅତିସକ୍ଷିପ୍ତ ରୂପ ଶୁକ୍ର । ଏଥିରେ ରାଜକର୍ମଚାରୀ, କଲକାରଖାନାର କର୍ମଚାରୀ ଖେତ ଖମାରର କର୍ମଚାରୀ ଏମିତିକି ପୋଲିଶ ବିଭାଗ, ସୈନ୍ୟ ବିଭାଗର କର୍ମଚାରୀ ଏ ସମସ୍ତେ କଷ୍ଟ ଭୋଗୀବାକୁ ବାଧ । ଶୁକ୍ରଙ୍କର ସେବା ପ୍ରଦାନରୁ ପରିବାରର ଅନ୍ନ ସଂସ୍ଥାନ ଏସବୁରେ ଅନ୍ନସଂସ୍ଥାନ ରୋଜୀରୋଟିରେ ବାଧା ଉପୁଜିବ । ହଠାତ୍ ଏପରି ଘଟଣା ଘଟିବ ବହୁ ସ୍ଥାନରେ ଶ୍ରମିକମାନେ ବୃତିଛେଦ ହେବେ । ନିଆଁ ସମ୍ବନ୍ଧ ଗ୍ରହ ରବି, ମଙ୍ଗଳ, କେତୁ ଗ୍ରହ ଏମିତିକି ଶନି ରାହୁ ଯେଉଁ ରାଶିରେ ରହନ୍ତି ତାକୁ ଦଗ୍ଧ କରନ୍ତି ତତାନ୍ତି । ତାପିତ କରନ୍ତି । ତାର କାର୍ଯ୍ୟବଳୀକୁ ଭସ୍ମୀଭୂତ କରନ୍ତି । ଲୋକ ମୁଣ୍ଡକୋଡ଼ି ହୁଏ । ଅଗ୍ନିରାଶି ସିଂହ, ପୁଣି ସ୍ଥିର ଅଗ୍ନିରାଶି ଆଗ୍ନେୟଗିରି ତିନି ପ୍ରକାର ମୃତ, ସୁପ୍ତ ଓ ଜୀବନ୍ତ । ସିଂହ ରାଶି ହିଁ ସୁପ୍ତ ଆଗ୍ନେୟଗିରି ସ୍ଥିର ଆଗ୍ନେୟ ରାଶି । ସେଠାକୁ ଦୁଇ ଅଗ୍ନୀଜ ଗ୍ରହ ଆସି ତାକୁ ଜାଗ୍ରତ କରୁଛନ୍ତି ।

ଭୂପ, ରାଜାଙ୍କର ପ୍ରତାପ ଅଛି । ଏ ମଧ୍ୟରେ ଇନ୍ଦ୍ର ପ୍ରତାପ ଅଗ୍ନୀ ପ୍ରତାପ ବରୁଣ ପ୍ରତାପ ବା ତେଜ ରହିଛି ଏପରିକି ଯମ ପ୍ରତାପ ଅଛି । ସୂର୍ଯ୍ୟର ରାଜା ଇନ୍ଦ୍ର ତାଙ୍କର ବଜ୍ରାୟୁଧ, ଅଗ୍ନୀଙ୍କ ତେଜ କିଏ ନଜାଣେ, ବରୁଣ ପ୍ରତାପ ବଡ଼ ତେଜ, ଜଳଶକ୍ତିରେ ପ୍ରବଳ, କ୍ଷମପ୍ରତାପରେ ଜନକ୍ଷୟ ଧ୍ୱଂସ କାର୍ଯ୍ୟ । ଭୂପ ବିପତି ଏ ସବୁର ଆସେ । ଏକ ଜଣ ଭୂପ ଅନ୍ୟଜଣେ ଭୂପଙ୍କ ବିନ୍ଦୁ ହେବାପରି ଅତିଶତ୍ରୁ ହେବା ଧରା ପୂର୍ବରୁ ଗଡ଼ି ଆସୁଛି । ଭାରତ-ପାକିସ୍ଥାନ, ଦୁଇ ଦେଶ ଦୁଇ ଦେଶର ଭୂପମାନେ ମିତ୍ର ଭାବପନ୍ନ ଅନେକ ସମୟରେ ହେଲାବେଳେ ଅପରେସନ ସିନ୍ଦୁରରେ ଭାରତର ଭୂପମାନେ ବରୁଣ ତେଜ ଦେଖାଇ ସିନ୍ଧୁ ଜଳ ରୋଧ କରି ପାକିସ୍ଥାନକୁ ଜଳ କଷ୍ଟ ଦେଉଛନ୍ତି । ଅଗ୍ନୀତେଜ ଦେଖାଇ ପାକିସ୍ଥାନର ବହୁ ସେନା ଘାଟୀ ନଷ୍ଟ କରିଛନ୍ତି । ସେମିତି ପାକିସ୍ଥାନର ଭୂପ ଲୁଚିଛପି ଭାରତର ବିଶୃଙ୍ଖଳା ବାରମ୍ବାର କରୁଛନ୍ତି ।

ପ୍ରତି ସ୍ଥାନରେ ସ୍ଥାନୀୟ କାନୁନ ପ୍ରକୃତର ଦେୟ ଧନ ଉପରେ କରାଯାଇଥାଏ । ଭୂପ ମାନଙ୍କର ତାହା ଆୟର ପନ୍ଥା । ଆୟପନ୍ଥା ଚୀରସ୍ଥାୟୀ ପାଇଁ ବିଭିନ୍ନ ଥୋପ ପ୍ରୟୋଗ କରି ରାଜମାୟା ସ୍ଥାନୀୟ ଅଧିକାରୀଙ୍କୁ ଆୟତ କରିବା ଦେଖାଯାଉଛି । ଖଣି, ପାଣି, ଜଙ୍ଗଲ, ଫସଲ, ମାଛ ଆଦି ପାଇଁ ଭୂପ ମାୟା ବିସ୍ତାରର ବହୁ ପ୍ରକାର ଧାରା ବେଳକୁ ବେଳ ଦେଖାଦେଉଛି । ଭୂପମାୟା କେହି ବୁଝି ତାର ବିରୋଧ କଲେ ବିରୁଦ୍ଧଚାରୀଙ୍କୁ ଭୂପଙ୍କ ବାହୁବଳୀ ମାନେ ଦମନ କରୁଛନ୍ତି । ଦମନରେ ଆଘାତ ପ୍ରାଣନାଶ ନହେଲେ ଅନ୍ନର ସ୍ରୋତ ପରିବାରର ସମ୍ପର୍କ ନାଶ କରାଯାଉଛି । ଏପରିକି ଚାଷବାସ ବତି ନାଶ କରାଯାଉଛି । ଜଳାଧାର ଉପର ଓ ତଳମୁଣ୍ଡ ଅଛି । ଉପରମୁଣ୍ଡର ଭୂପ ତଳ ମୁଣ୍ଡ ଭୂପଙ୍କୁ ହରକତ ସର୍ବଦା କରୁଛନ୍ତି । ଏ ସିନ୍ଧୁ ବି ଜଳପରେ ବ୍ରହ୍ମପୁତ୍ର ବିବାଦ, ଗଙ୍ଗା ପଦ୍ମ ମେଘନା ବିବାଦ । କାବେରୀ ବିବାଦ, ମହାନଦୀ ଓ ତାର ଶାଖା ଉପନଦୀ ବିବାଦ ଏ ଦେଶର ଭୂପମାନଙ୍କର ଦାରୁଣ ଚିନ୍ତା । ମାଟିର ସୀମା ଧାର୍ଯ୍ୟର ନକ୍ସା ମିଳୁଛି । ମାତ୍ର ଆକାଶ ଓ ଜଳର ନକ୍ସା ମୁହଁ ମୁହଁ ଧାର୍ଯ୍ୟ କାଳକ୍ରମେ ଭୂପମାନଙ୍କରେ କ୍ଲିଷ୍ଟତା କମାଇବାକୁ ତୃତୀୟ ପକ୍ଷ ସୀମା ଧାର୍ଯ୍ୟ କରୁଛନ୍ତି । ଜଳରେ ବିଭିନ୍ନ ପ୍ରଣାଳୀ ଭୂମିରେ ରେଖା, ଆକାଶରେ ଏମିତି କଳ୍ପିତ ସୀମା ଧାର୍ଯ୍ୟ । ମାତ୍ର ଆକାଶରେ ବହୁ ଉପରେ ମହାକାଶ ଯାନ, ସାଟେଲାଇଟ ପାଇଁ ଏ ପର୍ଯ୍ୟନ୍ତ ସରହଦ ହୋଇନାହିଁ । ସବୁ ମନୁଷ୍ୟ ସମାନ ଅଧିକାର ପାଇ ଜୀବଦଶା ଭୋଗିବେ । ଏସବୁ କୁହାଗଲେ ବି ପ୍ରତ୍ୟକ୍ଷ ବିଭିନ୍ନ ଭୂପମାନେ କରିବା କାନୁନର ଧରା କିନ୍ତୁ ଏ ପର୍ଯ୍ୟନ୍ତ କରାଇ ପାରୁନାହିଁ ।

ପ୍ରକୃତି ତାଙ୍କର ଜଡ଼ ମୁଣି ବିଭିନ୍ନ ସ୍ଥାନରେ ପସରାରେ ରଖୁଛନ୍ତି । ସବୁ ସ୍ଥାନରେ ସେହି ଏକ ଦ୍ରବ୍ୟ କେବେ ମିଳୁନାହିଁ । ଭୂପ ଭୂପଙ୍କ ମଧ୍ୟରେ ନିବିଡ଼ ବନ୍ଧନ ରହିଲେ ସର୍ବତ୍ର ଶାନ୍ତିରେ ପ୍ରଜାମାନେ ରହି ପାରନ୍ତେ । ମାତ୍ର ମୁହଁରେ ହରି ହରି ବଗଲରେ ଛୁରୀ ସର୍ବତ୍ର ଦେଖାଯାଉଛି । ବିଶ୍ୱଶାନ୍ତି ଯଜ୍ଞର ଫଳ ଏବେ କେମିତି କାମ କରିବ ? ସେହି ଅଶ୍ୱମେଧ ଯଜ୍ଞ ଏବେ ବି ଉଙ୍କି ମାରୁଛି । ଅଶ୍ୱମେଧ ଯଜ୍ଞ ପାଇଁ ନରମେଧ ଯଜ୍ଞ ସର୍ବଦା ଲାଗିଛି । ଅଶ୍ୱମେଧ ଯଜ୍ଞରେ ମୂଳଭୂପର ବଶୀଭୂତ ଅନେକ ଭୂପ, ଡର,ଭୟ ଓ ବନ୍ଧୁତ୍ୱରେ ରହିଥାନ୍ତି ।

*‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଜାତୀୟ ସେବା ଯୋଜନା ଓ ଛାତ୍ରସମାଜ

**ଡ଼. ମନୋଜ କୁମାର ମହାନ୍ତି**

୧୯୬୯ ମସିହା ସେପ୍ଟେମ୍ବର ୨୪ରେ ଗାନ୍ଧୀଙ୍କ ଜନ୍ମଶତବାର୍ଷିକ ଉପଲକ୍ଷେ ଭାରତ ସରକାରଙ୍କ ଶିକ୍ଷା ବିଭାଗର ସ୍ୱରାଷ୍ଟ୍ର ମନ୍ତ୍ରୀ ଡ଼. ଭି.କେ.ଆର.କେ ରାଓ ୩୭ଟି ବିଶ୍ୱବିଦ୍ୟାଳୟରେ ଭାତୀୟ ସେବା ଯୋଜନାକୁ ଶୁଭାରମ୍ଭ କରିଥିଲେ । ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଏକ ବିଶେଷ କାର୍ଯ୍ୟକ୍ରମରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । କାରଣ ୧୯୫୮ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଗାନ୍ଧୀଙ୍କ ଦେଶସେବାର ମହନୀୟତାକୁ ଗୋଷ୍ଠୀକେନ୍ଦ୍ର ମାଧ୍ୟମରେ ଗାଁରୁ ସହର ପର୍ଯ୍ୟନ୍ତ ସେବାର ମନୋବୃତିକୁ ଯୁବକ ଓ ଛାତ୍ରଗୋଷ୍ଠୀ ମଧ୍ୟରେ ସ୍ୱେଚ୍ଛାକୃତଭାବେ ଏକ ସଚେତନ ସୃଷ୍ଟିକରିବା ସହ ସମାଜ ତଥା ଦେଶସେବାରେ ଯୁବବର୍ଗଙ୍କୁ ନିୟୋଜିତ କରାଇବା ଲକ୍ଷ୍ୟରେ ସେ ଆହ୍ୱାନ ଦେଇଥିଲେ । ଏସବୁ ପ୍ରଚ୍ଛଦ ପଟରେ ମହାତ୍ମା ଗାନ୍ଧୀଙ୍କ ଦେଶ ଓ ସମାଜ ସେବା ଥିଲା ମୂଳ ଲକ୍ଷ୍ୟ ।

ପ୍ରତ୍ୟେକ ଦେଶ ଏକ ନିର୍ଦ୍ଦିଷ୍ଟ ମୂଲ୍ୟବୋଧପାଇଁ ବିଶ୍ୱରେ ନିଜର ପରିଚ୍ୟ ସୃଷ୍ଟି କରିଥାଏ । ବିଶ୍ୱରେ ଯେତେ ଭୂଖଣ୍ଡ ଅଛି ସେମଧ୍ୟରୁ ଭାରତବର୍ଷ ସ୍ୱତନ୍ତ୍ର । ପ୍ରାକୃତିକ ଶୋଭାଠାରୁ ଆରମ୍ଭ କରି ମାନବିକ ମୂଲ୍ୟବୋଧ ପର୍ଯ୍ୟନ୍ତ ଭାରତୀୟ ପରିଚ୍ୟ ନିଆରା । ଆମ ପରମ୍ପରା, ସଂସ୍କୃତି ଆମ ଜୀବନ ସହ ଜଡ଼ିତ । ବସୁଧୈବ କୁଟୁମ୍ବ କମ୍ ହେଉଛି ଆମ ବିଶାଳ ହୃଦୟର ପରିଭାଷା । ବିଶ୍ୱଶାନ୍ତି ଆମର ଏକମାତ୍ର ଲକ୍ଷ୍ୟ । ପ୍ରେମ, ଦୟା, କରୁଣା ଓ ସେବା ଆମ ରକ୍ତରେ, ଶିରା ପ୍ରଶିରାରେ । ପ୍ରେମ- ଦୟା-କରୁଣାର ଉର୍ଦ୍ଧ୍ୱରେ ସେବା । ଯେଉଁ ସେବା ମଣିଷ ମଧ୍ୟରେ ପ୍ରେମ,ମମତା,ତ୍ୟାଗ ଓ ସହଯୋଗର ହାତ ବଢ଼େଇଥାଏ ।

ଅହିଂସାର ପୂଜାରୀ, ଶାନ୍ତି, ପ୍ରେମ ଓ ସେବାର ମହାମାନବରୂପେ ପରିଚ୍ଚିତ ଗାନ୍ଧୀ ଅନୁଭବ କରିଥିଲେ ଦେଶର ସମସ୍ତ କ୍ଷେତ୍ରରେ ଛାତ୍ରରୂପକ ଯୁବକମାନଙ୍କର ଭୂମିକା ଯୁଗେ ଯୁଗେ । ଶୈଶବ ପରେ କୈଶୋରକୁ ଅତିକ୍ରମ କରି ଜୀବନ ପହଂ ? ଯୌବନରେ । ଯୌବନ ପ୍ରତ୍ୟେକ ଜୀବନପାଇଁ ଏକ ଚ଼ଳଚ଼ଂଳ ପ୍ରବାହମାନ ସ୍ରୋତ, ଶକ୍ତି ଓ ସାମର୍ଥ୍ୟର ତେଜୀୟାନ ଦ୍ୱୀପଶିଖା । ଭାରତର ସ୍ୱାଧୀନତା ସଂଗ୍ରାମପାଇଁ ଭାରତୀୟ ଆବାଳ-ବୃଦ୍ଧ-ବନିତା ବହୁମାତ୍ରାରେ ଅନୁପ୍ରାଣିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଯୁବଗୋଷ୍ଠୀ । ଗାନ୍ଧୀଙ୍କ ପାଦରେ ପାଦ ମିଶେଇ ଯେମିତି ଯୁବକ ନେହେରୁ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ୍ କରିଥିଲେ । କ୍ରାନ୍ତିକାରୀମାନଙ୍କ ମଧ୍ୟରେ ଭଗତ ସିଂ, ଖୁଦିରାମ ବୋଷ, ସୁଭାଷ ଚ଼ନ୍ଦ୍ର ବୋଷ, ବିନାୟକ ଦାମୋଦର ସବାରେକର, ବିର୍ଷମୁଣ୍ଡା, ବୀର ସୁରେନ୍ଦ୍ର ସାଏ ଏବଂ ବକ୍ସି ଜଗବନ୍ଧୁ ଆଦି ପ୍ରମୁଖ ଯୁବଗୋଷ୍ଠୀ ଦେଶପାଇଁ ନିଜ ଜୀବନକୁ ବଳି ଦେବାକୁ ପଛେଇ ନଥିଲେ । ଧର୍ମ ପ୍ରଚାରକଭାବେ ଆଦିଗୁରୁ ଶଙ୍କରାଚାର୍ଯ୍ୟ, ଗୌତମ ବୁଦ୍ଧ, ମହାବୀର ଜୈନ, ଏବଂ ସ୍ୱାମୀ ବିବେକାନନ୍ଦ । ଯୁବଶକ୍ତି ହିଁ ଅସମ୍ଭକୁ ସମ୍ଭବ କରିବାରେ ଦକ୍ଷ । ଯଦି ଯୁବ ତଥା ଛାତ୍ରସମାଜ ମଧ୍ୟରେ ଦେଶପ୍ରେମ ଓ ସେବାର ମହମନ୍ତ୍ରରେ ଦିକ୍ଷୀତ କରାଯାଏ ତେବେ ଭାରତ ଭଳି ଦେଶରେ ଅନେକ ପରିବର୍ତ୍ତନ ସହ ସାମାଜିକ ଉନ୍ନତି ପରିଲକ୍ଷିତ ହେବ । ବିଶେଷକରି ଛାତ୍ରସମାଜ ଯେଉଁମାନେ ଆଗମୀ ଭବିଷ୍ୟତ, ଯାହାକୁ ନେଇ ଦେଶ ଓ ସମାଜ ଦେଖେ ଅନେକ ସ୍ୱପ୍ନ । ଛାତ୍ରମାନଙ୍କୁ ଚ଼ାରିତ୍ରିକ ଶୃଙ୍ଖଳା ସହ ସାମାଜିକ ଦାୟିତ୍ୱବୋଧକୁ ଶିକ୍ଷା ମାଧ୍ୟମରେ ଦିଆଗଲେ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ନିଶ୍ଚୟ ହେବ । ଗାନ୍ଧୀଙ୍କର ଏହି ସ୍ୱପ୍ନକୁ ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ସଫଳ ରୂପାୟନ ହୋଇଥଲା । ତରୁଣ ଛାତ୍ରଛାତ୍ରୀଙ୍କ ସହାୟତାରେ ଗାଁଗହଳିରେ ସାଧାରଣଜନତାଙ୍କ ମଧ୍ୟରେ ସଚେତନ କରିବାର ପ୍ରୟାସରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଦୁଇଟି ସ୍ୱତନ୍ତ୍ର ସେବା ଶିବିର ମାଧ୍ୟମରେ ବିଭିନ୍ନ ପଂାୟତରେ ଥିବା ଗ୍ରାମରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବନୀକରଣ, ନିଶା ନିବାରଣ, ନାରୀଶିକ୍ଷା, ସ୍ୱାକ୍ଷରତା, ଯୋଗାଭ୍ୟାସ, ନାରୀ ସଶକ୍ତ କରଣ, ରକ୍ତଦାନ, ଦୁର୍ନୀତି ତଥା ଭାରତୀୟ ସଂସ୍କୃତିର ମୁଲ୍ୟବୋଧକୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାନୁଷ୍ଠାନର ସ୍ୱ ?ଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପାଦନା କରାଯାଉଛି । ସାମାଜିକ ସେବାର ମହତ୍ୱକୁ ପ୍ରତିପାଦନ କରିବାରେ ଜାତୀୟ ସେବା ଯୋଜନା ଯେଉଁ ବୃହତ୍ ସଂକଳ୍ପ ନେଇଛି ତାହା ସତରେ ପ୍ରଶଂସାର ଯୋଗ୍ୟ । କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଭାରତର ବିଭିନ୍ନ ରାଜ୍ୟରେ ଥିବା ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟଗୁଡିକରେ ପ୍ରତିବର୍ଷ ଜାତୀୟ ଏକତା ଶିବିର, ରାଜ୍ୟ ଜାତୀୟ ସେବା ଶିବିର, ଜିଲ୍ଲା ସ୍ତରୀୟ ଯୁବ ନେତୃତ୍ୱ ଶିବିରମାନ ଆୟୋଜନପୂର୍ବକ ଦେଶର ଏକତାକୁ ଅକ୍ଷୁଣ୍ଣ ରଖିବାରେ ଚେଷ୍ଟିତ । ଶୀତକାଳୀନ ସ୍ୱତନ୍ତ୍ର ଶିବିର, ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ସହ ପ୍ରତିମାସରେ ଶିକ୍ଷାନୁଷ୍ଠାନ ଅନେକ ସଚେତନମୁଳକ କାମରେ ଛାତ୍ରଛାତ୍ରୀ ନିଜକୁ ନିୟୋଜିତ କରିଚ଼ାଲିଛନ୍ତି । ଜାତିବର୍ଣ୍ଣର ସାମାଜିକ ବିଭକ୍ତି କରଣପରେ ବର୍ଣ୍ଣ ଅନୁସାରେ କର୍ମକୁ ବାଂଟି ଦିଆଯାଇଥିଲା ସମାଜ ମଧ୍ୟରେ । ଭିନ୍ନ ଭିନ୍ନ କର୍ମ ଦ୍ୱାରା ସମାଜକୁ ଦିଆ ଯାଉଥିବା ଅବଦାନକୁ ସାଧାରଣ ଭାବେ ସେବା କୁହାଯାଏ । ସେବାଦ୍ୱରା ସାମାଜିକ ଆବଶ୍ୟକତା ପୂରଣ ସହ ବ୍ୟକ୍ତିଗତ ଜୀବିକା ନିର୍ବାହ ହୋଇଥାଏ । ଯେବେ କର୍ମ ନିଜପାଇଁ କରାଯାଏ ତାହାକୁ ଶ୍ରମ କୁହାଯାଏ କିନ୍ତୁ ସେଇ କର୍ମ ସାମୁହିକ ଉଦ୍ଦେଶ୍ୟରେ କରାଗଲେ ତାହା ସେବାରେ ରୂପାନ୍ତରିତ ସହ ସେବାର ସ୍ୱୀକୃତି ଲାଭ କରେ । ସେବା ଶବ୍ଦଟି ମଣିଷର ଏକ ଦିବ୍ୟଗୁଣ ଭାବେ ଅଭିହିତ । କଥାରେ ଅଛି ‘ମାନବ ସେବା ହିଁ ମାଧବ ସେବା’ । ସେବା ହିଁ ସଚେତନତା, ସେବା ହିଁ ସାଧନା ଓ ସମାଜକୁ ଯୋଡ଼ିବାର, ସେତୁବାନ୍ଧିବାରେ ଏକ ମାତ୍ର ବିକଳ୍ପ । ସେବାର ଅସାଧାରଣ ବ୍ୟକ୍ତିତ୍ୱ, ଓଡ଼ିଶାରେ ପୂରପଲ୍ଲୀରେ ପରିଚ୍ଚିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସମାଜ ସେବା ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚ୍ୟ ସୃଷ୍ଟି କରିଯାଇଛନ୍ତି । ତାଙ୍କର ସେ କାଳଜୟୀ କବିତାରେ ସେ ଲେଖିଛନ୍ତି: ମଣିଷ ଜୀବନ ନୁହଇ କେବଳ ବର୍ଷମାସ ଦିନଦଣ୍ଡ, କର୍ମେ ଜିଏଁ ନର କର୍ମ ଏକା ତାର ଜୀବନର ମାନଦାଣ୍ଡ ‘ । ପ୍ରେତ୍ୟେକ ମଣିଷ ନିଜର ମହନୀୟ କର୍ମ ତଥା ସମାଜପାଇଁ ଦେଇଥିବା ଯୋଗଦାନ ଯାହା ସାମାଜିକ ଉନ୍ନତି ସହ ଏକ ପରିବର୍ତ୍ତନର ବାର୍ତ୍ତା ମଣିଷ ମଧ୍ୟରେ ଆଣିଥାଏ । ପ୍ରତ୍ୟେକ ଛାତ୍ରଛାତ୍ରୀ ଏକ ଶୃଙ୍ଖଳିତ ଭବିଷ୍ୟତ ତଥା ଉତମ ଚ଼ରିତ୍ର ଗଠନ ନିମନ୍ତେ ଜାତୀୟ ସେବା ଯୋଜନାରେ ନିଜକୁ ସାମିଲ୍ କରି ନିଜ ସମାଜ ଓ ଦେଶପାଇଁ ସେବାର ମନୋବତି ସହ ନିଜ ବ୍ୟକ୍ତିତ୍ୱର ବିକାଶ କରନ୍ତୁ ଏହାହିଁ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସର ସଦିଚ୍ଛା ।

କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ସେବା ଯୋଜନା,
*ବି ଏନ ଏମ ଏ ମହାବିଦ୍ୟାଳୟ, ଭଦ୍ରକ ।*
*ମୋ:୮୮୯୫୩୪୧୦୩୩*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

Bhubaneswar Wednesday September 24 ଭୁବନେଶ୍ୱର ବୁଧବାର, ୨୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବ୍ରାହ୍ମଣୀଗାଁ ଗ୍ରାମକୁ ରାସ୍ତା ନାହିଁ, ବିଲ ହିଡ ହିଁ ଭରସା

### ବିଧାୟକଙ୍କ କଥା ପାଣିର ଗାର ପ୍ରତିଶ୍ରୁତି ମୂଲ୍ୟ ହୀନ

ନାଉଗାଁ / ବଛାଳ,(ପି.ଏନ): ବର୍ଷା ଆସିଲା କ୍ଷଣି ଗ୍ରାମବାସୀଙ୍କ ଆଖିରେ ଲୁହ ଆସି ଯାଏ ।ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଥାନ୍ତି ।ସ୍ୱାଧୀନତାର ଅନେକ ବର୍ଷ ପରେ ମଧ୍ୟ ପ୍ରଶାସନିକ ଅଧିକାରୀ ଙ୍କ ନଜର ଆଢୁଆଳରେ ରହି ଯାଇଛି ଏହି ଗ୍ରାମ ।କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମୌଳିକ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଡିଣ୍ଡିମ୍ ପିଟୁଥିବା ବେଳେ ଏହା କେବଳ କାଗଜ କଲମରେ ସୀମିତ ରହି ଯାଇଛି,ସ୍ଥାନୀୟ ବିଧାୟକ, ପ୍ରଶାସନ ଖାଲି ଫୋଟୋ ଉଠେଇ ସୋସିଆଲ ମିଡିଆ ରେ ଲୋଡ କରିବାର ବ୍ୟସ୍ତ କିନ୍ତୁ ଗରିବଙ୍କ ଦୁଃଖ ବୁଝିବାକୁ କିଏ ଅଛି । ସମସ୍ତେ ସମସ୍ୟା ଜାଣିକି ମଧ୍ୟ ଚୁପ୍ । ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଏହି ବିଷୟରେ ବାରମ୍ବାର ଅଭିଯୋଗ କରା ଯାଇଛି । କିନ୍ତୁ ତାଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ପାଲଟିଛି । ବିଡ଼ିଓଙ୍କୁ ମଧ୍ୟ ବାରମ୍ବାର ଜଣେଇବା ପରେ ସେ ମଧ୍ୟ ଚୁପ୍ ବସିଛନ୍ତି, ସରପଞ୍ଚ କେବଳ ଭୋଟ ମାଗିବାକୁ ଆସନ୍ତି, ଅନ୍ୟ ବେଳେ ଚିହ୍ନି ପାରନ୍ତି ନାହିଁ, ଯାହାର ଉଦାହରଣ ପାଲଟିଛି ଜଗତସିଂହପୁର ଜିଲ୍ଲା



ଅନ୍ତର୍ଗତ ନାଉଗାଁ ବ୍ଲକ୍ ବଛାଳ ପଞ୍ଚାୟତ ବ୍ରାହ୍ମଣୀଗାଁ ଗ୍ରାମ । ଏହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ଯିବା ଆସିବା ପାଇଁ ରାସ୍ତା ଖଣ୍ଡେ ହେଇ ପାରିଲା ନାହିଁ । ସେମାନେ ଅନ୍ୟ ଗାଁ ଲୋକଙ୍କ ବିଲ୍ ହିଡ ଦେଇକି ଯିବା ଆସିବା କରନ୍ତି । ବେଳେ ବେଳେ ସେମାନଙ୍କ ଆକ୍ରୋଶର ଶିକାର ମଧ୍ୟ ହୁଅନ୍ତି । ବର୍ଷା ଦିନେ ପିଲା ମାନଙ୍କର ସ୍କୁଲ ଓ କଲେଜ ଯିବା ସ୍ୱପ୍ନ । ସାଧାରଣ ଲୋକ ନିଜକୁ ଅସୁରକ୍ଷିତ ମନେ କରୁଥିବା ବେଳେ କୌଣସି ବିକଳ୍ପ ନଥିବା ହେତୁ ସେହି ବିଲ୍ ହିଡ଼ ଦେଇ ଯିବା ପାଇଁ ବାଧ ହେଉଛନ୍ତି । ଏବଂ ପ୍ରତିଦିନ କେହି ନା କେହି ଦୁର୍ଘଟଣାର ଶିକାର ହେଉଛନ୍ତି । ୧୫ ଦିନ ତଳେ ଏକ ଟାଟା ଏସି ସେହି ରାସ୍ତା ରେ ଯିବା ବେଳେ ବିଲ ହିଡରେ ୬ ଘଣ୍ଟା ଫସିକି ରହି ଥିଲା ।ତାକୁ ଏକ ଟ୍ରାକ୍ଟର ସାହାଯ୍ୟରେ ଉଦ୍ଧାର କରା ଯାଇଥିଲା । ଗ୍ରାମବାସୀଙ୍କ କହିବା ଅନୁଯାୟୀ ଆମେ ବିଧାୟକଙ୍କୁ ବାରମ୍ବାର ଅଭିଯୋଗ କରିଛୁ କିନ୍ତୁ ବିଧାୟକ କାହା କଥାରେ ନିରବ ରହୁଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ବିଧାୟକ ଏବଂ ବିଡ଼ିଓ ପ୍ରତିଶ୍ରୁତି ଦେଇ ଥିଲେ ଏହି ଗ୍ରାମକୁ ନିଜେ ଆସି ରାସ୍ତା ସମସ୍ୟା ର ସମାଧାନ କରିବେ ବୋଲି । ହେଲେ ବିଧାୟକଙ୍କ କଥା ଯେ ପାଣିର ଗାର ଏହି ପ୍ରତିଶ୍ରୁତି ଯେ ମୂଲ୍ୟ ହୀନ ଏ କଥା ଗାଁ ଲୋକ ଜାଣି ପାରି ନଥିଲେ । ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି ।ଅତି ଦୁଃଖର କଥା ଏହି ଗାଁ ହେଉଛି ସ୍ଥାନୀୟ ବିଧାୟକଙ୍କ ବାସସ୍ଥାନ ଠୁ ମାତ୍ର ଅଳ୍ପ କେଇଟା ବାଟ । ଏଣୁ ସାଧାରଣ ଲୋକଙ୍କ ଯାତାୟତକୁ ଆଖି ଆଗରେ ରଖି ସ୍ଥାୟୀ ଓ ସୁଦୃଢ଼ କାର୍ଯ୍ୟ କରିବା ନିମନ୍ତେ ଉଚିତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ବିଭାଗୀୟ ଯନ୍ତ୍ରୀ, ବିଧାୟକ ,ମନ୍ତ୍ରୀ ଓ ଜିଲ୍ଲାପାଳ କୁ ଗ୍ରାମବାସୀ ଦାବି କରିଛନ୍ତି । ଉଚିତ୍ ପଦକ୍ଷେପ ନିଆଗଲେ ଏହି ଗ୍ରାମର ଗ୍ରାମବାସୀ ଉପକୃତ ହୋଇ ପାରନ୍ତେ । ବିଧାୟକ ଭୋଟ ମାଗିବାକୁ କିଭଳି ମନକୁ ମନ ପଳେଇ ଆସନ୍ତି କିନ୍ତୁ ଏବେ ଆମେ ଗୋଟେ ରାସ୍ତା ସମସ୍ୟାର ସମାଧାନ ନିମନ୍ତେ ନିମନ୍ତ୍ରଣ ପତ୍ର ଦେଇ ମଧ୍ୟ କାହିଁକି ବିଧାୟକ ନିରବ ରହୁଛନ୍ତି ବୋଲି ଗ୍ରାମବାସୀ ଓ ବୁଦ୍ଧିଜିବୀ ପ୍ରଶ୍ନ କରିଛନ୍ତି । ତେବେ ଏ ଦିଗରେ ପ୍ରଶାସନ,ସରକାର ଙ୍କର କେବେ ଦୃଷ୍ଟି ପଡ଼ିବ ତାହା ଦେଖିବା ବାକି ରହିଲା ।

## ସ୍ୱଚ୍ଛତା ହିଁ ସେବା ପକ୍ଷ - ୨୦୨୫ ଅଭିଯାନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି ଏନ) :କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ପୌରପାଳିକା ଭବାନୀପାଟଣା ମିଳିତ ଉଦ୍ୟମରେ ଚଳିତ ମାସ ସେପ୍ଟେମ୍ବର ୧୭ ତାରିଖରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ୨୦୨୫ ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ଅବସରରେ ବୃକ୍ଷ ରୋପଣ, ସହରର ବିଭିନ୍ନ ମନ୍ଦିର ପରିସର ସଫା ସୁତୁରା, ପତଞ୍ଜଳୀ ଯୋଗ ସମିତିର ସଦସ୍ୟ ମାନଙ୍କୁ ନେଇ ଯୋଗ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ତର୍କ, ସ୍ଲୋଗାନ୍, କୁଇଜ୍ ଏବଂ ୱେଷ୍ଟଯ ଟୁ ଆର୍ଟ୍ ପ୍ରତିଯୋଗିତା ସବୁ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ପ୍ରତ୍ୟେକ ଦିନ ସହରର ବିଭିନ୍ନ ସ୍ଥାନକୁ ସଫା ସୁତୁରା କାର୍ଯ୍ୟକ୍ରମ ଚାଲୁରହିଛି । ଆଜି ସକାଳ ୬.୩୦ ମି ସମୟରେ ପୁରୁଣାପଡା ଆଶ୍ରୟସ୍ଥଳୀ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖର ରାସ୍ତା ପରିସରରେ ସାମୂହିକ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ,ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ନିର୍ବାହୀ ଅଧିକାରୀ,ଅନିମେସ ପ୍ରଧାନ ,ଭାରତୀୟ ପ୍ରଶାସନିକ ସେବା(ପ୍ରବେଶନ) ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶ ଜିଲ୍ଲା ସ୍ୱଛ ସଞ୍ଜୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଶିବାଜୀ ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମି କହଁର,ଜିଲ୍ଲା ସମାଜ



କଲ୍ୟାଣ ଅଧିକାରୀ ମଜିବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ,କର୍ମଚାରୀ,ସ୍ଥାନୀୟ ବାସିନ୍ଦା,ସଦସ୍ୟ,ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଅଭିଯାନର ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସଫେଇ କାର୍ଯ୍ୟକ୍ରମ ଆରମ୍ଭରୁ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ଉପସ୍ଥିତ ସମସ୍ତ ଙ୍କୁ ସ୍ୱଛତା ଶପଥ ପାଠ କରାଇଥିଲେ । ପରିମଳ ଜରିଆରେ ଦେଶ ମାତୃକା ର ସେବା କରିବା, ସ୍ୱଛତା ପ୍ରତି ପ୍ରତିବଦ୍ଧ ରହି ସମୟ ଉତ୍ସର୍ଗ କରିବା, ସ୍ୱଛାକୃତ ଭାବେ ସପ୍ତାହକୁ ଦୁଇ ଘଣ୍ଟା ହିସାବରେ ପ୍ରତିବର୍ଷ ଅନ୍ୟୁନ ଶହେ ଘଣ୍ଟା ସ୍ୱଛତା ପାଇଁ ଖର୍ଚ୍ଚ କରିବା, ଏଣେତେଣେ ଅଳିଆ ନ ପକାଇ ନିଜ ପରିବାର ସଂସ୍ଥାନ,ଗ୍ରାମ ଏବଂ କର୍ମକ୍ଷେତ୍ର ରୁ ହିଁ ସ୍ୱଚ୍ଛତା ର ଅଭିଯାନ ଆରମ୍ଭ କରିବା, ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ପ୍ରଚାର କରିବା,ନିଜେ ନେଇ ଥିବା ପ୍ରତ୍ୟେକ ପଦକ୍ଷେପ କିପରି ଦେଶକୁ ସ୍ୱଚ୍ଛ କରିବାରେ ସହାୟକ ହେବ ସେ ସମ୍ପର୍କରେ ସମସ୍ତେ ଶପଥ ପାଠ କରିଥିଲେ । ନିଜ କାର୍ଯ୍ୟାଳୟରେ ରଖାଯାଇଥିବା ଦୁଇଟି ଡଷ୍ଟବିନରେ ବ୍ଲୁରେ ଶୁଖିଲା ଓ ଗ୍ରୀନରେ ଓଦା ଆବର୍ଜନା ସଂଗୃହୀତ କରି ମ୍ୟୁନିସିପାଲଟିର ନିୟୋଜିତ ଗାଡି ରେ ନିୟମିତ ଦେବା ପାଇଁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସହରର ପ୍ରତ୍ୟେକ ନାଗରିକ ଏଥି ପ୍ରତି ସଚେତନ ହେବା ସହିତ ସ୍ୱଚ୍ଛତା ସେବା ଅଭିଯାନରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ଅପିଲ କରାଯାଇଥିଲା । ପୌରପାଳିକାର ୟୁଜର ଫିଜ ଠିକ ସମୟରେ ପୈଠ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ସଫେଇ ଅଭିଯାନରେ ୪୪୮.୫ କେଜିର ଅଦରକାରୀ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା ଏହା ରିସାଇକ୍ଲିନିଂ ପାଇଁ ଦିଆଯିବ । ଚଳିତ ମାସ ୨୫ ତାରିଖ ଦିନ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ର ଛାତ୍ରଛାତ୍ରୀ, ନେହେରୁ ଯୁବ କେନ୍ଦ୍ର,ନାଗରିକ ମାନଙ୍କୁ ନେଇ କଲେଜ ଛକ ଠାରୁ କେସିଙ୍ଗା ରାସ୍ତା ରେ ସାମୁହିକ ସଫେଇ ଅଭିଯାନ ଆରମ୍ଭ ହେବ, ସେହିପରି ଆସନ୍ତା ୨୭ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ସାଇଧାମ ପର୍ଯ୍ୟନ୍ତ ସ୍ୱଛତା ଗଣଦୌଡ଼, ୨୮ତାରିଖ ଦିନ ସନ୍ଧ୍ୟାରେ ସ୍ଥାନୀୟ ଟାଉନହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅକ୍ଟୋବର ୨ ତାରିଖ ଦିନ ସ୍ୱଛତା ହିଁ ସେବା ଅଭିଯାନର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି । କଳାହାଣ୍ଡି ଜିଲ୍ଲାକୁ ଏକ ସ୍ୱଛ, ସବୁଜ, ସୁନ୍ଦର ଜିଲ୍ଲା ଭାବରେ ଗଢିତୋଳିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ର ଆବଶ୍ୟକତା ଉପରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଗୁରୁତ୍ୱ ଦେଇଥିଲେ । ଶେଷରେ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ସ୍ୱଛତା ଅଭିଯାନରେ ଅଂଶଗ୍ରହଣ କରିଥିବା ସମସ୍ତ ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଗଣମାଧ୍ୟମର ପ୍ରତିନିଧି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ସୈନିକ ସ୍କୁଲ ପରିସରରେ ୩୦ ନଡିଆ ଗଛ ଚାରା ରୋପଣ

ଭୁବନେଶ୍ୱର,(ପି.ଏନ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମ ଦିବସ ପାଳନ ଉପଲକ୍ଷେ ସେବାପକ୍ଷ ପାଳନ ଅବସରରେ ଶିଖରଚଣ୍ଡୀ ମଣ୍ଡଳ ପକ୍ଷରୁ ସୈନିକ ସ୍କୁଲ ପରିସରରେ ୩୦ ଟି ନଡିଆ ଗଛ ଚାରା ରୋପଣ କରାଯାଇଛି । ମଣ୍ଡଳ ସଭାପତି ବିଭୂତି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ସ୍କୁଲ ଅଧକ୍ଷ କର୍ଣ୍ଣେଲ ପଙ୍କଜ କୁମାର, ପ୍ରଶାସନିକ ଅଧିକାରୀ ଲେଫ୍ଟନା କର୍ଣ୍ଣେଲ ପ୍ରୀତମ କାମ୍ବଲେ, କ୍ୱାଟର ମାଷ୍ଟର ପ ।ନନ ବିଷୋୟୀ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ଏନଟିପିସିର ପୂର୍ବତନ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ନାଲକୋର ପୂର୍ବତନ ସିଏମଡି ତପନ କୁମାର



ଚାନ୍ଦ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ତ୍ରିପାଠୀ, ସୟ କୁମାର ଦାସ, ମାନସ ରନ ତ୍ରିପାଠୀ, ସନ୍ଦୀପ ସାମଲ, ପ୍ରଣତି ପ୍ରଧାନ, ବିଶ୍ୱ କଲ୍ୟାଣ ନନ୍ଦ, ଧୀରେନ ବାରିକ, ସ୍ନେହଲତା ଜେନା, ରଶ୍ମିତା ପାତ୍ର, ଲଳିତା ବେହେରା, ସୁଶାନ୍ତ ସାହୁ, ସର୍ବେଶ୍ୱର ଦାସଙ୍କ ସମେତ ଅନେକ କାର୍ଯ୍ୟକ . ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ପେନସନଭୋଗୀଙ୍କ ମଧ୍ୟରେ ପାତରଅନ୍ତର ବନ୍ଦ ହେଉ

ଭୁବନେଶ୍ୱର,(ପି.ଏନ): କେନ୍ଦ୍ର ସରକାରଙ୍କ ଦ୍ୱାରା ୧୬ ଜାନୁଆରୀ ୨୦୨୫ରେ ଅଷ୍ଟମ ବେତନ ଆୟୋଗ ଗଠନର ଘୋଷଣାକୁ ଆଠ ମାସ ବିତିଯାଇଥିଲେ ବି, ବର୍ତ୍ତମାନ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ସହ ରାଜପତ୍ର ବିଜ୍ଞପ୍ତି ପ୍ରକାଶ ପାଇନଥିବା ବେଳେ, ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ର ସରକାର ଆୟୋଗଙ୍କ ସୁପାରିଶକୁ ଲାଗୁ କରିବା ଉଦ୍ଦେଶ୍ୟରେ ବିତ୍ତ ବିଧେୟକ ୨୦୨୫ରେ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ଏକ ପାତରଅନ୍ତର ନୀତି ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି । ସିଦ୍ଧାନ୍ତ ଅନୁଯାୟୀ ପେନସନ୍ ନିୟମ ପ୍ରତି କୌଣସି ପୂର୍ବାଗ୍ରହ ବିନା କେନ୍ଦ୍ର ସରକାର ପେନସନଭୋଗୀଙ୍କ ଅବସର ଗ୍ରହଣ ତାରିଖକୁ ନେଇ ସେମାନଙ୍କ ଭିତରେ ଏକ ପ୍ରଭେଦ ସୃଷ୍ଟି କରି ପାରିବେ ଯାହା କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିଶ ଲାଗୁ ସମୟରୁ ଆରମ୍ଭ ହେବ । ବେତନ ଆୟୋଗର ସୁପାରିଶ କେବେଠାରୁ ଲାଗୁ ହେବ, ଏ ?ଇ ବିଧେୟକ ଦ୍ୱାରା କ୍ଷମତାପ୍ରାପ୍ତ କେନ୍ଦ୍ର ସରକାର ଏବେ ତାହା ମଧ୍ୟ ସ୍ଥିର କରିବେ ଯାହା ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଐତିହାସିକ ରାୟ (୧୭ ଡିସେମ୍ବର ୧୯୮୨, ଡି ଏସ୍ ନାକରା ବନାମ ଭାରତ ସରକାର)ର ସମ୍ପୂର୍ଣ୍ଣ ପରିପନ୍ଥୀ । ପେନସନ୍ ନିଯୁକ୍ତିଦାତାଙ୍କ ଏକ ଇଚ୍ଛାଧିନ ବ୍ୟାପାର କିମ୍ବା କୌଣସି ଦାନ, ଦୟା ବା ଅତିରିକ୍ତ ପ୍ରୋତ୍ସାହନ ରାଶି ନୁହେଁ । ଏହା କର୍ମଚାରୀର ନିଜ ଯୌବନ କାଳରେ କର୍ମଦାତାଙ୍କ ପାଇଁ ନିରନ୍ତର ପରିଶ୍ରମ ବଦଳରେ ବୃଦ୍ଧାବସ୍ଥା ପାଇଁ ଉଭୟ ଆର୍ଥିକ ଓ ସାମାଜିକ



ସୁରକ୍ଷାର ଏକ ନିର୍ଭର ପ୍ରତିଶ୍ରୁତି ଓ କଲ୍ୟାଣମୂଳକ ପଦକ୍ଷେପ । ? ପୁରୁଣା ପେନସନ ଯୋଜନା (ଓପିଏସ୍) ପରେ ଜାନୁଆରୀ ୨୦୦୪ରୁ ଜାତୀୟ ପେନସନ୍ ଯୋଜନା (ଏନପିଏସ୍) ଏବଂ ଅପ୍ରେଲ ୨୦୨୫ରୁ ଏକୀକୃତ ପେନସନ୍ ଯୋଜନା (ୟୁପିଏସ୍)କୁ ନେଇ ପେନସନଭୋଗୀମାନେ ପୂର୍ବରୁ ବିଭାଜିତ ହୋଇସାରିଥିଲା ବେଳେ ବିତ୍ତ ବିଧେୟକ ୨୦୨୫ ଆଳରେ ଅବସର ତାରିଖକୁ ନେଇ ପୁନଃ ବିଭାଜିତ ହେବା ସହ ପେନସନ ହ୍ରାସ ଓ ବୃଦ୍ଧିକୁ ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହନ୍ତି । ସରକାରଙ୍କ ଏଭଳି ଦୃଷ୍ଟିକୋଣ ବିରୋଧରେ ଦେଶର ସମସ୍ତ ବେସାମରିକ ପେନସନଭୋଗୀ ଏକତ୍ର ସ୍ୱର ଉତ୍ତୋଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱର ଶ୍ରମିକ ଭବନରେ ଓଡ଼ିଶା ବେସରକାରୀ ପେନସନଭୋଗୀ ମଞ୍ଚ ତରଫରୁ ସାଥୀ ବୃହସ୍ପତି ସାମଲଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାଥୀ ସାମଲ ତଥା ମଞ୍ଚର ଆବାହକ ସାଥୀ ରବିନ୍ଦ୍ରନାଥ ଦଳ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖି କହିଥିଲେ ଯେ ମଞ୍ଚ ଅଧିନରେ ଏହା ସର୍ବଭାରତୀୟ ସ୍ତରରେ ଚତୁର୍ଥ ପର୍ଯ୍ୟାୟ ? କାର୍ଯ୍ୟକ୍ରମ । ବିତ୍ତ ବିଧେୟକର ରାଜପତ୍ର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୨୯ ମାର୍ଚ୍ଚ ୨୦୨୫ରେ ମାନବ ଶୃଙ୍ଖଳ ଜରିଆରେ ଓଡ଼ିଶା ସହ ସମସ୍ତ ରାଜ୍ୟ ରାଜଧାନୀରେ ମାନବ ଶୃଙ୍ଖଳ ଜରିଆରେ ପ୍ରତିବାଦ କରାଯାଇ ପେନସନଭୋଗୀଙ୍କ ମଧ୍ୟରେ ପାତରଅନ୍ତର ବନ୍ଦ କରିବାକୁ ଦାବି କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନକରି ରାଜ୍ୟପାଳଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା ଯାହା ଓଡ଼ିଶାରେ ୨୪ ଓ ୨୫ ଅଗଷ୍ଟ ୨୦୨୫ରେ କରାଯାଇଥିଲା । ତୃତୀୟ ପର୍ଯ୍ୟାୟରେ ମାନ୍ୟବର ସାଂସଦମାନଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ପେନସନ୍ ସଂଶୋଧନରେ ଏବଂ ବେତନ ଆୟୋଗଙ୍କ ସୁପାରିଶ ଲାଗୁରେ ବିତ୍ତ ବିଧେୟକ ୨୦୨୫କୁ ନେଇ ସରକାର କୌଣସି ପାତରଅନ୍ତର ନୀତି ରହିବ ନାହିଁ ବୋଲି ତୁରନ୍ତ ସ୍ପଷ୍ଟୀକରଣ ଦେଇ ବିଜ୍ଞପ୍ତି ଜାରିକରିବା ସହ ଭବିଷ୍ୟତରେ ପେନସନର ସୁରକ୍ଷା ଦୃଷ୍ଟିରୁ ସେସବୁ ଅଷ୍ଟମ ବେତନ ଆୟୋଗର ନିର୍ଦ୍ଧାରିତ ସର୍ତ୍ତାବଳୀରେ ସ୍ଥାନିତ କରିବାକୁ ଆଜି ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କବେସାମରି ପେନସନ ଭୋଗୀ ମଞ୍ଚ ପକ୍ଷରୁ ଦାବି ଜୋରଦାର ହୋଇଛି । ଏତେସବୁ ବିରୋଧାଭାସ ପରେ ଯଦି କେନ୍ଦ୍ର ସରକାର କର୍ଣ୍ଣପାତ ନକରନ୍ତି, ତେବେ ଆଗାମୀ ୧୦ ଅକ୍ଟୋବର ୨୦୨୫ରେ ଲକ୍ଷାଧିକ ସଂଖ୍ୟାରେ ଶ୍ରମିକ, କର୍ମଚାରୀ ଓ ପେନସନ ଭୋଗୀ ସଂସଦ ଭବନ ଘେରାଉ ସହ ଅନିର୍ଦ୍ଦିଷ୍ଟ କାଳୀନ ଧର୍ମଘଟ ପାଇଁ ନିଷ୍ପତ୍ତି ନେବାକୁ ବାଧ ହେବେ ବୋଲି ଓଡ଼ିଶା ବେସାମରିକ ପେନସନଭୋଗୀ ମଞ୍ଚର ଉଭୟ ସଭାପତି ଓ ଆବାହକ ଚେତାବନୀ ଦେଇଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ପୋଷ୍ଟାଲ, ଟେଲିକମ୍, ଇନକମ୍ ଟାକ୍ସ, ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ, ଆରଏମଆରସି, ସେଣ୍ଟ୍ରାଲ ୱାଟର କମିଶନ ସହ ବହୁ କେନ୍ଦ୍ର ସରକାରୀ ବିଭାଗର ପେନସନଭୋଗୀମାନେ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray